# ୫୦୦ କୋଟି ଯଥେଷ୍ଟ ନୁହେଁ: ନିରଞ୍ଜନ

ଭୁବନେଶ୍ୱର,୨୨।୫/ଏନ୍‌ଏନ୍‌ଏସ୍: ଅମ୍ପନ କ୍ଷୟକ୍ଷତିର ସମୀକ୍ଷା ପାଇଁ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିଥିବାରୁ ତାଙ୍କୁ ଧନ୍ୟବାଦ। ତେବେ ବାତ୍ୟା ଦ୍ୱାରା ରାଜ୍ୟରେ ଭିତ୍ତିଭୂମିରେ ପ୍ରଭୂତ କ୍ଷତି ହୋଇଛି। ଏପରିସ୍ଥଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାତ୍ର ୫୦୦ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି ଯାହା ଯଥେଷ୍ଟ ନୁହେଁ। ଗୋଟିଏ ପଟେ କରୋନା ଯୋଗୁଁ ରାଜ୍ୟକୁ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡ଼ିଥିବା ବେଳେ ଅମ୍ପନ ବୋଝ ଉପରେ ନଳିତାବିଡ଼ା ସଦୃଶ୍ୟ ହୋଇଛି। ତେଣୁ କେନ୍ଦ୍ର ସରକାର ରାଜ୍ୟକୁ ଅଧିକ ଅର୍ଥ ପ୍ରଦାନ କରିବାକୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଦାବି କରିଛନ୍ତି।



ଶ୍ରୀ ପଟ୍ଟନାୟକ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଆଜିକାଲି ବିଜ୍ଞାନ ବହୁ ଆଗକୁ ଆଗେଇ ଗଲାଣି। ବାତ୍ୟାର ଯଥେଷ୍ଟ ପୂର୍ବରୁ ଲୋକଙ୍କୁ ସଚେତନ କରାଯାଇପାରୁଛି। ସେଥିପାଇଁ ଧନ ଜୀବନ କ୍ଷୟରୁ ରାଜ୍ୟକୁ ରକ୍ଷା କରାଯାଇପାରୁଛି। ତେବେ ଅମ୍ପନ ବାତ୍ୟା ପ୍ରଭାବରେ ଚାଷୀକୂଳ ସର୍ବାଧିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ରାଜ୍ୟ ସରକାର ବିକାଶର ଡିଣ୍ଡିମ ପିଟୁଛନ୍ତି। ତାହେଲେ ଓଡ଼ିଶାରେ ଏତେ କଚ୍ଚାଘର କେଉଁଠୁ ଆସୁଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଗୋଟିଏ ପଟେ କରୋନା ଯୋଗୁଁ ଗଲା ଦୁଇମାସ ଧରି ରାଜ୍ୟ ଅର୍ଥନୀତିରେ ତାଲା ପଡ଼ିଛି। ଓଡ଼ିଶା ଏଥିପାଇଁ ପ୍ରାୟ ୧୦ ହଜାର କୋଟିଟଙ୍କାର ରାଜସ୍ୱ ହରାଇଥିବା ବେଳେ କେନ୍ଦ୍ରୀୟ ଟିକସ ବାବଦରେ ପାଇବାକୁ ଥିବାଥିବା ରାଜସ୍ୱ ହରାଇବାର ମଧ୍ୟ ସମ୍ଭାବନା ରହିଛି। ଏପରିସ୍ଥଳେ ଅମ୍ପନର କ୍ଷୟକ୍ଷତି ରାଜ୍ୟ ପାଇଁ ବିପଦକୁ ଡାକି ଆଣିଛି। ରାଜ୍ୟ ସରକାର ସହ କାନ୍ଧକୁ କାନ୍ଧ ମିଳାଇ କେନ୍ଦ୍ର ସରକାର କାମ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହୁଛନ୍ତି। ତାହେଲେ ଓଡ଼ିଶାର ଏପରି ଦୁର୍ଦ୍ଦିନରେ ସେ ଅଧିକ ଅର୍ଥ ପ୍ରଦାନ କରନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି। ସେହିପରି ମନ୍ତ୍ରୀମାନଙ୍କୁ ବାତ୍ୟା ମୁକାବିଲାରେ ସାମିଲ କରାଯାଉନଥିବାକୁ ନେଇ ନିରଞ୍ଜନ ଅସନ୍ତୋଷ ଝାଡ଼ିଛନ୍ତି। ସେ କହିଛନ୍ତି ଯେ ୧୯୯୯ ମସିହା ମହାବାତ୍ୟାରେ ମୁଁ ରାଜ୍ୟରେ ମନ୍ତ୍ରୀ ଥିଲି। ସେତେବେଳେ ବାତ୍ୟା ପରେ ସମୀକ୍ଷା କରିବାକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓଡ଼ିସା ଆସିଥିବା ବେଳେ ସମସ୍ତ ମନ୍ତ୍ରୀ ବୈଠକରେ ଭାଗ ନେଇ ଆଲୋଚନା କରିଥିଲେ। ମାତ୍ର ଏବେ ମନ୍ତ୍ରୀଙ୍କ ପାଖରେ ତଥ୍ୟ ନଥିବା ବେଳେ ସେମାନେ ସମସ୍ୟା ସହ ପରିଚିତ ରହୁନାହାନ୍ତି। ତେଣୁ ସରକାର ସେମାନଙ୍କୁ ସମସ୍ତ କାର୍ଯ୍ୟରେ ସାମିଲ କରନ୍ତୁ ବୋଲି ସେ କହିଛନ୍ତି।